## ମହିଳାଙ୍କ ଉନ୍ମତ୍ତ କାଣ୍ଡ, ବ୍ଲେଡରେ ହାତ କାଟିଲେ

ଭୁବନେଶ୍ୱର,(ବ୍ୟୁରୋ): ମାଷ୍ଟରକ୍ୟାଣ୍ଟିନ ଛକରେ ସୋମବାର ମଧ୍ୟାହ୍ନରେ ଜଣେ ମହିଳାଙ୍କ ଉନ୍ମତ୍ତ କାଣ୍ଡ ଦେଖିବାକୁ ମିଳିଥିଲା। ନିଜ ହାତକୁ ବ୍ଲେଡ୍‌ରେ କାଟି ଦେବାରୁ ଗୁରୁତର ଆହତ ହୋଇଥିଲେ। ଖାରବେଳନଗର ଥାନା ପୋଲିସ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲା। ଉକ୍ତ ମହିଳା ଜଣକ ହେଲେ ଗଞ୍ଜାମର ଉମା ରାଉତ। ସ୍ୱାମୀ ମରିଯିବା ପରେ ୨ ପିଲାଙ୍କୁ ଭବାନୀପାଟଣାର ଏକ ଅନାଥ ଆଶ୍ରମରେ ଛାଡି ସେ ଭୁବନେଶ୍ୱର ପଳାଇ ଆସିଥିଲେ। ମାଷ୍ଟରକ୍ୟାଣ୍ଟିନ ଛକ ତାରିଣୀମନ୍ଦିର ପଛପଟେ ଦିଅର ପି. ଅଜୟ ରାଓଙ୍କ ସହ ରହୁଥିଲେ। ଉଭୟଙ୍କ ମଧ୍ୟରେ ଝଗଡା ହେଉଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଉମା ଏପରି କାଣ୍ଡ ଘଟାଇଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଅଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସ ପକ୍ଷରୁ ବିକ୍ଷୋଭ, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆଜାଦିକା ଅମୃତ ମହୋତ୍ସବ ଉପଲକ୍ଷେ ନାଟକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘ ପକ୍ଷରୁ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର ଦାବିରେ ସ୍ମାରକପତ୍ର ପ୍ରଦାନ, ଆର୍‌ଡିସିଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।
- ଅଖିଳ ଓଡ଼ିଶା ଝୋପଡ଼ିପଟ୍ଟୀ ମହାସଂଘ ପକ୍ଷରୁ ବିକ୍ଷୋଭ, କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ, ସଦର ବ୍ଲକ ବିଡିଓଙ୍କ କାର୍ଯ୍ୟାଳୟ, ନୂଆବଜାର, ପୂର୍ବାହ୍ନ ୧୧ଟା ୩୦।
- ତିଗିରିଆ ନୂଆପାଟଣା ନଂ ୧୦ ନଂ ୨ ବୁଣାକାର ତନ୍ତୁବାୟ ସମିତିର ବାର୍ଷିକ ସାଧାରଣ ସଭା, ନଂ ୧୦ ୨ ବୁଣାକାର ସମବାୟ ସମିତି ପରିସର, ଅପରାହ୍ନ ୩ଟା।

# ଶିକ୍ଷକଙ୍କୁ ଦିଆଯିବ ଟିକା

ଭୁବନେଶ୍ୱର, ୩୦ ।୩(ବ୍ୟୁରୋ)

ରାଜଧାନୀର ଶିକ୍ଷାନୁଷ୍ଠାନରେ କରୋନା ସଂକ୍ରମଣ ବୃଦ୍ଧି ପାଇବା ପରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ପଦକ୍ଷେପ ନିଆଯାଇଛି। ସରକାରୀ ଓ ଘରୋଇ ସ୍କୁଲର ୪୫ ବର୍ଷରୁ ଉର୍ଦ୍ଧ୍ୱ ଶିକ୍ଷକଙ୍କୁ ଟିକା ଦିଆଯିବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ୫ଟି ବିଭାଗ ଉପରେ ଗୁରୁତ୍ୱ ଦିଆଯାଉଛି। ଉଠା ଦୋକାନୀ, ମଲ୍, ରେଷ୍ଟୁରାଣ୍ଟ ଓ ବିଦ୍ୟୁତ୍ କର୍ମଚାରୀଙ୍କୁ ଗୁରୁତ୍ୱ ଦେଉଛୁ। ୫ଟି ବର୍ଗର ୨୦ ହଜାର ଲୋକଙ୍କ ତାଲିକା ପ୍ରସ୍ତୁତ କରିଛୁ। ମାସେରୁ ୨ ମାସ ଭିତରେ ସମସ୍ତଙ୍କୁ ଟିକାକରଣରେ ସାମିଲ କରିବା ଲକ୍ଷ୍ୟ ରହିଛି ବୋଲି ବିଏମ୍‌ସି କମିଶନର କହିଛନ୍ତି।

### କୋଚିଂ ସେଣ୍ଟର ସିଲ୍ କଲା ବିଏମ୍‌ସି

ସେପଟେ ମଙ୍ଗଳବାର ଭୁବନେଶ୍ୱରର ଆଉ ଏକ ଘରୋଇ ସ୍କୁଲରେ ୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ କଣ୍ଟାକ୍ଟ ଟ୍ରେସିଂ ଜାରି ରହିଛି। ଆଗକୁ ଭୁବନେଶ୍ୱରରେ ଏକ କଣ୍ଟାକ୍ଟ ଟ୍ରେସିଂ ଡେସ୍କ ପ୍ରତିଷ୍ଠା କରାଯିବ ବୋଲି ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ସୂଚନାଯୋଗ୍ୟ, ରବିବାର ଆଇଆଇଟି ଭୁବନେଶ୍ୱରରୁ ୧୦ଜଣ ପିଲା କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ କର୍ତ୍ତୃପକ୍ଷ ବଡ଼ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ବାହାରେ ଥିବା ଛାତ୍ରୀଛାତ୍ରଙ୍କୁ କ୍ୟାମ୍ପସକୁ ନ ଆଣିବାକୁ ସ୍ଥିର ହୋଇଛି। ଏଥିସହ ଆକ୍ରାନ୍ତଙ୍କୁ ସଙ୍ଗରୋଧରେ ରଖାଯାଇଛି। ସେହିପରି ଭୁବନେଶ୍ୱରର ଏକ କୋଚିଂ ସେଣ୍ଟରରେ ୨୦ଜଣ ଛାତ୍ରୀଛାତ୍ର ପଜିଟିଭ୍ ଚିହ୍ନଟ ହେବା ପରେ ଉକ୍ତ କୋଚିଂ ସେଣ୍ଟରକୁ ବିଏମ୍‌ସି ସିଲ୍ କରିଛି।

# ରାଜଧାନୀରେ ନିଆରା ହୋଲି

ଭୁବନେଶ୍ୱର, ୩୦।୩ (ବ୍ୟୁରୋ)

ହିନ୍ଦୁଙ୍କ ବଡ଼ ପର୍ବ ମଧ୍ୟରେ ଦୋଳ ଓ ହୋଲି ଅନ୍ୟତମ। ଚଳିତବର୍ଷ କରୋନା ପାଇଁ ରଙ୍ଗ ଓ ଭାଇଚାରାର ପର୍ବ ହୋଲି ଫିକା ପଡ଼ିଥିଲା। ବାହାରେ ରଙ୍ଗ ଖେଳିବାକୁ ମନା ଥିବାରୁ ସରକାରଙ୍କ କଟକଣାକୁ ମାନି ରାଜଧାନୀବାସୀ ନିଆରା ଢଙ୍ଗରେ ଏହାକୁ ପାଳନ କରିଥିଲେ। ଏଥର ଘରେ ରହି ପରିବାର ସଦସ୍ୟଙ୍କ ସହ ହୋଲି ଖେଳିବାର ସୁଯୋଗ ମିଳିଥିଲା। ପରସ୍ପରକୁ ମିଠା ଖୁଆଇ ଖୁସି ମନାଇଥିଲେ।


ସାହୁ ପରିବାରରେ ମେହେନ୍ଦି ଲଗାଇ ହୋଲି ପାଳନ କରାଯାଉଛି।


ଭୁବନେଶ୍ୱରର ଦୁଇ ଯୁବତୀ ପରସ୍ପରକୁ ଅବିର ବୋଳି ଖୁସି ମନାଉଛନ୍ତି।

### ଇକୋ ଫ୍ରେଣ୍ଡ୍‌ଲି ହୋଲି

ଖଣ୍ଡଗିରି ବରବାରି ଅଞ୍ଚଳରେ ଥିବା ଅର୍ଚ୍ଚିତା ରେସିଡେନ୍ସିର ସାହୁ ପରିବାରରେ ନିଆରା ହୋଲି ଦେଖିବାକୁ ମିଳିଥିଲା। ଅନ୍ୟମାନେ ଅବିର ଓ ଅନ୍ୟାନ୍ୟ ରଙ୍ଗରେ ହୋଲି ଖେଳୁଥିବାବେଳେ ଏଠାରେ କିନ୍ତୁ ହଳଦୀ, ଚନ୍ଦନ, ସିନ୍ଦୂର, ମେହେନ୍ଦି, ଅଳତା, ନେଲ୍‌ପଲିସ୍, ଶିଙ୍ଗାର ଏବଂ ବିଭିନ୍ନ ଫୁଲରେ ହୋଲି ଖେଳ ହୋଇଥିଲା। ମହିଳାମାନେ ମେହେନ୍ଦି ଓ ନେଲ୍‌ପଲିସ ଲଗାଇ ହାତକୁ ରଙ୍ଗିନ କରିଥିଲେ। ଅଳତାରେ ନିଜ ପାଦକୁ ସଜାଇଥିଲେ। ପରସ୍ପରକୁ ହଳଦୀ, ଚନ୍ଦନ, ସିନ୍ଦୂର ଲଗାଇବା ସହ ଫୁଲ ପକାଇ ହୋଲି ପାଳନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନ କରିଥିବା ସଂଗ୍ରାମ କେଶରୀ ସାହୁ ଓ ତାଙ୍କ ସ୍ତ୍ରୀ ମମତାଙ୍କ ମତରେ, ସମସ୍ତେ ରଙ୍ଗରେ ହୋଲି ଖେଳିଥାନ୍ତି। ମାତ୍ର ଆମେ ଟିକେ ନିଆରା ଭାବେ ଏଥର ହୋଲିକୁ ପାଳନ କରିବାକୁ ଚାହୁଁଥିଲୁ। ସେଥିପାଇଁ ଇକୋ-ଫ୍ରେଣ୍ଡ୍‌ଲି ହୋଲି ଖେଳିବାର ଯୋଜନା କରିଥିଲୁ। ଏଥିରେ ଆମ ପୂରା ପରିବାର ସାମିଲ ହୋଇଥିଲେ। ଖୁବ୍ ମଜାମସ୍ତିରେ ଘରେ ରହି ହୋଲି ପାଳନ କଲୁ।

## ଅର୍ଚ୍ଚିତାଙ୍କ ଘରେ ରଙ୍ଗ ସାଙ୍ଗକୁ ପଖାଳର ମଜାନେଲେ ସବ୍ୟସାଚୀ

ନିକଟରେ ବିବାହ ବନ୍ଧନରେ ବାନ୍ଧି ହୋଇଥିବା ଓଲିଉଡ୍‌ର ସୁପରହିଟ୍ ଯୋଡି ସବ୍ୟସାଚୀ ଓ ଅର୍ଚ୍ଚିତା ଖୁବ୍ ଧୁମ୍‌ଧାମ୍‌ର ସହ ହୋଲି ପାଳନ କରିଛନ୍ତି। ବିବାହ ପରେ ଏହା ସେମାନଙ୍କର ପ୍ରଥମ ହୋଲି ହୋଇଥିବାରୁ ସେମାନଙ୍କ ପାଇଁ ବିଶେଷ ଗୁରୁତ୍ୱ ବହନ କରିଥିଲା। ଅର୍ଚ୍ଚିତାଙ୍କ ଘରେ ଏହି ହୋଲି ସେଲିବ୍ରେଶନ ହୋଇଥିଲା। ରଙ୍ଗ ଖେଳିବା ପାଇଁ ଦୁଇ ପରିବାର ଏକାଠି ହୋଇଥିଲେ। ତେବେ ଅର୍ଚ୍ଚିତା ପିଲାଦିନରୁ ରଙ୍ଗ ଖେଳିବାକୁ ଡରୁଥିଲେ। ତେଣୁ ତାଙ୍କ ମନରୁ ଏହି ଭୟ ଦୂର କରିବା ସହ ରଙ୍ଗ ଖେଳର ମଜା ଚଖାଇବା ପାଇଁ ସବ୍ୟସାଚୀ ବିଶେଷ ଆୟୋଜନ କରିଥିଲେ। ପ୍ରଥମଥର ପାଇଁ ରିୟଲ ଲାଇଫ୍‌ରେ ହୋଲିର ମଜା ନେଇଥିଲେ ଚୁଲ୍‌ବୁଲି ଅର୍ଚ୍ଚିତା। ସୋମବାର ଅବିର ରଙ୍ଗରେ ରଙ୍ଗାୟିତ ହୋଇଥିଲେ ସବ୍ୟର୍ଚ୍ଚିତା। କେବଳ ସେତିକି ନୁହେଁ, ରଙ୍ଗଖେଳ ପରେ ଅର୍ଚ୍ଚିତାଙ୍କ ଘରେ ଦୁଇ ପରିବାର ପାଇଁ ଭୋଜନ ବ୍ୟବସ୍ଥା ହୋଇଥିଲା। ଏଥିରେ ଓଡ଼ିଆ ଘରର ପ୍ରିୟ ଖାଦ୍ୟ ଦହି ପଖାଳ ସାଙ୍ଗକୁ ବଡିଚୁରା, ବାଇଗଣ ଭରତା, ବିଲାତି ଚକଟ ଓ ଆଳୁ ଚକଟା ପ୍ରସ୍ତୁତ ହୋଇଥିଲା।



### ଲାଇଭ୍ ଭିଡିଓ ଦେଖିଲେ ୨.୯ ମିଲିୟନ ପ୍ରଶଂସକ

ସବ୍ୟର୍ଚ୍ଚିତା ଲାଇଭ୍‌ରେ ଆସି ନିଜ ପ୍ରଶଂସକମାନଙ୍କୁ ହୋଲି ପର୍ବର ଶୁଭେଚ୍ଛା ଜଣାଇଥିଲେ। ବିବାହ ପାଇଁ ଶୁଭେଚ୍ଛା ଜଣାଇବା ସହ ପ୍ରଶଂସକଙ୍କୁ ଧନ୍ୟବାଦ ଦେଇଥିଲେ। କରୋନା ସ୍ଥିତିରେ ସୁଧାର ଆସିବା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ରିସେପ୍‌ଶନ୍ କରି ପ୍ରଶଂସକଙ୍କୁ ଭେଟିବେ ବୋଲି କହିଥିଲେ। ସେହିପରି ରିଲିଜ୍ ଅପେକ୍ଷାରେ ଥିବା 'ଯେତେ ଗୋରୀ ସେତେ ଷ୍ଟୋରୀ' ଏବଂ ଆଗାମୀ ଚଳଚ୍ଚିତ୍ର 'ରକ୍ତମୁଖୀ ନୀଳା' ସମ୍ପର୍କରେ ସୂଚନା ଦେଇଥିଲେ। ୨୧ ମିନିଟ୍ ୧୧ ସେକେଣ୍ଡର ଏହି ଭିଡିଓଟି ଖୁବ୍ କମ୍ ସମୟ ମଧ୍ୟରେ ଭାଇରାଲ ହୋଇଥିଲା। ପ୍ରଶଂସକଙ୍କ ପାଖରୁ ଶୁଭେଚ୍ଛାର ସୁଅ ଛୁଟିଥିଲା। ମଙ୍ଗଳବାର ସୁଦ୍ଧା ଏଯାବତ୍ ଉକ୍ତ ଭିଡିଓକୁ ୨.୯ ମିଲିୟନ ଲୋକ ଦେଖିଥିବାବେଳେ ୩ଲକ୍ଷ ୮୪ହଜାର ଲାଇକ୍ ଓ ୧ଲକ୍ଷ ୫୩ହଜାର କମେଣ୍ଟସ୍ ମିଳିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ନିତ୍ୟଶା


@ ଦେବୀପ୍ରସାଦ


@ ଦୀପକ


@ ସୁନୀଲ


@ ସରିତା


@ କୁଞ୍ଜେନ୍ଦ୍ର

## ନନ୍ଦନକାନନରେ ମାର୍ମୋସେଟ ମାଙ୍କଡ଼ ମୃତ୍ୟୁ

ବାରଙ୍ଗ,୩୦।୩(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୫୪ନମ୍ବର ଏନକ୍ଲୋଜରରେ ରହୁଥିବା ୩ବର୍ଷର ଅଣ୍ଡିରା ମାର୍ମୋସେଟ ମାଙ୍କଡ଼ର ମୃତ୍ୟୁ ଘଟିଛି। ଗତ ୩ଦିନ ତଳେ ଏନକ୍ଲୋଜରରେ ହଠାତ୍ ଅସୁସ୍ଥ ହୋଇ ସେ ତଳେ ପଡ଼ିଯାଇଥିଲା। ନନ୍ଦନକାନନ କର୍ତ୍ତୃପକ୍ଷ ମାଙ୍କଡ଼ଟିକୁ ଏନକ୍ଲୋଜରରୁ ଅନ୍ୟମାନଙ୍କଠାରୁ ଅଲଗା କରିଥିଲେ। ନନ୍ଦନକାନନର ଡାକ୍ତରମାନେ ତା'ର ଚିକିତ୍ସା କରିଥିଲେ ମଧ୍ୟ ସ୍ୱାସ୍ଥ୍ୟରେ ଉନ୍ନତି ହୋଇପାରି ନ ଥିଲା। ଫଳରେ ମଙ୍ଗଳବାର ସକାଳେ ତା'ର ମୃତ୍ୟୁ ଘଟିଥିଲା। ଏହି ମାଙ୍କଡର ମୃତ୍ୟୁପରେ ସଂଖ୍ୟା ୫କୁ ହ୍ରାସ ପାଇଛି। ପ୍ରବଳ ଗରମ ଯୋଗୁ ମାଙ୍କଡ଼ଟି ତରଳ ଝାଡାରେ ଆକ୍ରାନ୍ତ ହୋଇଥିବା ଅନୁମାନ କରାଯାଉଛି।

## ବିଭିନ୍ନ ଦାବିରେ ଲିଙ୍ଗରାଜ ଷ୍ଟେଶନରେ ଧାରଣା

ପୁରୁଣା ଭୁବନେଶ୍ୱର,୩୦।୩(ଡି.ଏନ୍.ଏ.): ଭୀମଟାଙ୍ଗୀ ବିକାଶ ପରିଷଦ, ବିଡିଏ ୱେଲଫେୟାର ଆସୋସିଏଶନ, ସେବା ପ୍ରତିନିଧିଙ୍କ ସହ ଅନେକ ସଦସ୍ୟ ସୋମବାର ବିଭିନ୍ନ ଦାବିରେ ଲିଙ୍ଗରାଜ ଷ୍ଟେଶନରେ ଧାରଣା ଦେଇଥିଲେ। ଶ୍ରୀଲିଙ୍ଗରାଜଙ୍କ ନାମରେ ଏକ ଟ୍ରେନ ଚଳାଇବା, ଷ୍ଟେଶନରେ ତାଙ୍କ ନାମରେ ହୁଣ୍ଡି ଖୋଲିବା, ଏକ୍ସପ୍ରେସ ଟ୍ରେନ ରହଣି, ରିଜରଭେଶନ ଟିକେଟ କାଉଣ୍ଟର ଖୋଲିବା ଆଦି ଦାବି କରିଛନ୍ତି। ଦାମୋଦର ସାମନ୍ତରାୟ, ବଂଶୀଧର ପଣ୍ଡା, କେ.ସି.ପାଣିଗ୍ରାହୀ, କୃପାସିନ୍ଧୁ ବିଶ୍ୱାଳ ପ୍ରମୁଖ ଧାରଣାରେ ଉପସ୍ଥିତ ଥିଲେ।

## କାର୍ ଧକ୍କାରେ ଯୁବକ ମୃତ, ରାସ୍ତାରୋକୋ

**ପୁରୁଣା ଭୁବନେଶ୍ୱର, ୩୦।୩(ଡି.ଏନ୍.ଏ.)** ଦୟା ବ୍ରିଜ ନିକଟରେ ରବିବାର ରାତିରେ ଏକ କାର୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଇଟିପୁର ପଞ୍ଚାୟତ ସମିତିସଭ୍ୟଙ୍କ ପୁଅ ମନୋଜ କୁମାର ବେହେରା। ଏହି ଖବର ପ୍ରଚାରିତ ହେବା ପରେ ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ଅଢ଼େଇ ଘଣ୍ଟା ଧରି ବ୍ରିଜ ଉପରେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଅବରୋଧ କରିଥିଲେ।

## ଲାଗେ ତୋଷେ ନୈନା...




ଭୁବନେଶ୍ୱର, ୩୦।୩ (ବ୍ୟୁରୋ)

ଓଡ଼ିଶା ପର୍ଯ୍ୟଟନ ବିଭାଗ ଓ ବୃନ୍ଦାବନ ଗୁରୁକୁଳ ଟ୍ରଷ୍ଟର ମିଳିତ ସହଯୋଗରେ ରବିବାର ଉତ୍କଳ ମଣ୍ଡପରେ ଶାସ୍ତ୍ରୀୟ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ବୃନ୍ଦାବନ ମହୋତ୍ସବ' ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଗୁରୁକୁଳ ଶିଷ୍ୟଙ୍କ ଦ୍ୱାରା ବୃନ୍ଦ ବଂଶୀବାଦନ ପରିବେଷଣ କରାଯାଇଥିଲା। ପରେ ପଣ୍ଡିତ ତେଜେନ୍ଦ୍ର ନାରାୟଣ ମଜୁମଦାର ସରୋଦ ବାଦନ କରିଥିଲେ। ତାଙ୍କୁ ତବଲାରେ ପଣ୍ଡି ରାମକୁମାର ମିଶ୍ର ସହଯୋଗ କରିଥିଲେ। ସନ୍ଧ୍ୟାର ଅନ୍ତିମ ଭେଟି ନେଇ ମଞ୍ଚକୁ ଆସିଥିଲେ ପଦ୍ମ ବିଭୂଷଣ ପଣ୍ଡିତ ଛାନ୍ନୁଲାଲ ମିଶ୍ର। ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତର ପ୍ରଥମ ପରିବେଷଣ ଥିଲା 'ଲାଗେ ତୋଷେ ନୈନା'...। ଏହାପରେ 'ଥୁମ୍ରୀ ତୋରେ ନୈନା ଲାଗି କଟାର ସଜନୀ' ଏବଂ ଅନ୍ୟାନ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ସନ୍ଧ୍ୟାର ଅତିଥି ଭାବେ ପର୍ଯ୍ୟଟନ ବିଭାଗର ପ୍ରମୁଖ ସଚିବ ବିଶାଲ କୁମାର ଦେବ, ନିର୍ଦ୍ଦେଶକ ସଚିନ ଆର୍. ଯାଦବ, ଯୁଗ୍ମ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର, ଓଟିଡିସି ଅଧ୍ୟକ୍ଷ ଶ୍ରୀମୟୀ ମିଶ୍ର, ଗୁରୁକୁଳ ଟ୍ରଷ୍ଟି ପୁଷ୍ପାଞ୍ଜଳୀ ଚୌରାସିଆ ଉପସ୍ଥିତ ଥିଲେ।

# ବିଷ ପିଆଇଲେ ମା', ୨ ଶିଶୁପୁତ୍ର ମୃତ

ଭୁବନେଶ୍ୱର,୩୦।୩(ବ୍ୟୁରୋ)

### ରାଜଧାନୀରେ ଛାତିଥରା ଘଟଣା

- ଶିଶୁଭବନରେ ଗୁରୁତର ଶିଶୁକନ୍ୟା
- ଏସ୍‌ସିବି ଆଇସିୟୁରେ ମା'
- ହତ୍ୟା ମାମଲା ରୁଜୁ କଲା ପୋଲିସ

ଚନ୍ଦକା ଥାନା ଅନ୍ତର୍ଗତ ବିଞ୍ଝଗିରି କନ୍ଦଲେଇ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମା' ୩ ପିଲାଙ୍କୁ ବିଷ ପିଆଇବା ପରେ ନିଜେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତେବେ ୨ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଥିବାବେଳେ ଦେଢ଼ ବର୍ଷର ଶିଶୁକନ୍ୟା ଗୁରୁତର ଅବସ୍ଥାରେ କଟକ ଶିଶୁ ଭବନରେ ଚିକିତ୍ସିତ ହେଉଛନ୍ତି। ଏପଟେ ମା' ମଧ୍ୟ ଏସ୍‌ସିବି ମେଡିକାଲ ଭେଷଜ ବିଭାଗ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ମୃତ ଦୁଇ ଶିଶୁ ହେଲେ ଜାନକୀ ଗାଗରେଇଙ୍କ ପୁଅ ରାଜୁ (୪) ଓ ବିଜୁ (୩)। ପୋଲିସ ଏକ ହତ୍ୟା ମାମଲା (ନଂ. ୭୦/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। କାହିଁକି ଜଣେ ମା' ଏତେ ନିଷ୍ଠୁର ପାଲଟିଲେ, ତାହାର ଖୋଳତାଡ଼ କରୁଛି ପୋଲିସ।

ପୋଲିସ ସୂଚନା ମୁତାବକ, କିଛି ଦିନ ତଳେ ସ୍ୱାମୀଙ୍କ ମୃତ୍ୟୁ ପରେ ଜାନକୀ ମୂଲ ଲାଗି ବହୁ କଷ୍ଟରେ ପରିବାର ଚଳାଉଥିଲେ। ଏହାକୁ ନେଇ ସେ ସର୍ବଦା ମାନସିକ ଚାପରେ ରହୁଥିଲେ। ଦିଅର ବିଭିନ୍ନ କାର୍ଯ୍ୟରେ ତାଙ୍କୁ ସହାୟତା କରୁଥିଲେ। ରବିବାର ଦିଅର କାମକୁ ଯାଇଥିବାବେଳେ ଜାନକୀ ପୋକମରା ଔଷଧ ଆଣି ପ୍ରଥମେ ୨ ଶିଶୁ ପୁତ୍ର ଓ କୁନି ଝିଅକୁ ପିଆଇ ନିଜେ ପିଇ ଦେଇଥିଲେ। ୩ ପିଲା ଅଚେତ ହୋଇପଡିବା ଦେଖି ଜାନକୀ ଚିତ୍କାର କରିଥିଲେ। ପଡୋଶୀ ଲୋକେ ପହଞ୍ଚି ଆମ୍ବୁଲାନ୍ସ ଡାକି ସମସ୍ତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ୨ ଶିଶୁ ପୁତ୍ରଙ୍କୁ ମୃତ ଘୋଷଣା କରିଥିଲେ।

ହସ୍ପିଟାଲରେ ଜାନକୀଙ୍କ ଦିଅର କହିଥିଲେ, ସେ ମୂଲ ଲାଗିବାକୁ ବାହାରକୁ ଯାଇଥିଲେ। ପଡୋଶୀଙ୍କଠାରୁ ଖବରପାଇ ଆସିଥିଲେ। ବଡଭାଇ ଚାଲିଯିବାପରେ ଭାଉଜ ମୂଲ ଲାଗି ପରିବାର ଭରଣପୋଷଣ କରୁଥିଲେ। ହେଲେ ଦିନକୁ ଦିନ ଘୋର ଅଭାବ ଦେଖାଦେବାପରେ ସେ ବଳକା ସମୟରେ ହାଣ୍ଡିଆ ବିକ୍ରି କରି ଦି ପଇସା ରୋଜଗାର କରୁଥିଲେ। ଦୁଃଖ କଷ୍ଟରେ ଜୀବନ ବିତୁଥିବାବେଳେ ସେ ଏପରି ଚରମ ନିଷ୍ପତ୍ତି କେଉଁ କାରଣରୁ ନେଲେ ସେ ସମ୍ପର୍କରେ କିଛି କହିପାରିବେ ନାହିଁ ବୋଲି ସେ କହିଥିଲେ। ଚନ୍ଦକା ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ କହିଛନ୍ତି, ୩୦୨ ଦଫା ଲଗାଇ ମାମଲା ରୁଜୁ କରାଯାଇଛି। ତେବେ ମା' ଗୁରୁତର ଥିବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାପରେ ପ୍ରକୃତ ଘଟଣା ଜଣାପଡିବ। ପ୍ରମାଣ ଆଧାରରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଅଭାବ ନୁହେଁ, ରୁଗ୍‌ଣ ମାନସିକତା

ଅଭାବ ଏକ ସାମାଜିକ ପ୍ରକ୍ରିୟା। ଏଥିଯୋଗୁ କୌଣସି ମା' ନିଜ ସନ୍ତାନଙ୍କୁ ହତ୍ୟା କରିପାରିବ ନାହିଁ। ଏହା ଏକ ରୁଗ୍‌ଣ ମାନସିକତା। ସୁସ୍ଥ ମଣିଷ ଏହିପରି ଚରମ ନିଷ୍ପତ୍ତି ନେଇପାରିବ ନାହିଁ। ଅଭାବଯୋଗୁ ମା' ନିଜ ଛୁଆକୁ କାହାକୁ ଦେଇପାରିଥାନ୍ତା କିମ୍ବା ଶିଶୁ ମଙ୍ଗଳ କମିଟିକୁ ଜଣାଇପାରିଥାନ୍ତା। କିନ୍ତୁ ଏପରି ନିଷ୍ଠୁର ପଦକ୍ଷେପ ନେବାର ନ ଥିଲା।

–ବେଣୁଧର ସେନାପତି, ନିର୍ଦ୍ଦେଶକ, ଚାଇଲ୍ଡ ଲାଇନ

### କେଉଁଠି ରହିବେ ଶିଶୁକନ୍ୟା

ବଞ୍ଚିଯାଇଥିବା ଦେଢ ବର୍ଷର ଶିଶୁ କନ୍ୟା ଏବେ କଟକ ଶିଶୁ ଭବନରେ ଚିକିତ୍ସାଧୀନ। ଅନ୍ୟପଟେ ଗୁରୁତର ଅବସ୍ଥାରେ ଏସ୍‌ସିବିରେ ଚିକିତ୍ସିତ ହେଉଥିବା ହତ୍ୟାକାରୀ ମା'ଙ୍କ ନାଁରେ ଲାଗିଛି ସଙ୍ଗିନ ମାମଲା। ସୁସ୍ଥ ହେବାପରେ ସେ ଜେଲ୍ ଯାଇପାରନ୍ତି। ଏପରିସ୍ଥଳେ ଚାଇଲ୍ଡ ଲାଇନର ଏକ ଟିମ୍ ବୁଧବାର ସ୍ଥିତି ଅନୁଧ୍ୟାନ କରିବାକୁ ଘଟଣାସ୍ଥଳକୁ ଯିବ। ପରେ ଶିଶୁ କନ୍ୟାର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଲେ ଉଦ୍ଧାର କରାଯିବ। ଏଥିସହ ତାଙ୍କୁ କେଉଁଠି ଆଶ୍ରୟ ଦିଆଯିବ ସେନେଇ ନିଷ୍ପତ୍ତି ନିଆଯିବ ବୋଲି ଭୁବନେଶ୍ୱର ଚାଇଲ୍ଡ ଲାଇନର ନିର୍ଦ୍ଦେଶକ ବେଣୁଧର ସେନାପତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଶିଶୁ କନ୍ୟାର ମା' ଯଦି ଜେଲ୍ ଚାଲିଯାନ୍ତି, ତେବେ ପ୍ରଥମେ ଦେଢବର୍ଷର ଶିଶୁକୁ ପରିବାରର କୌଣସି ସଦସ୍ୟଙ୍କ ହେପାଜତରେ ଛଡାଯାଏ। ଏଥିପାଇଁ ଶିଶୁ ମଙ୍ଗଳ କମିଟି ତରଫରୁ ମାସକୁ ୨ହଜାର ଟଙ୍କା ୩ ବର୍ଷ ଯାଏ ଦିଆଯିବ। ସ୍ଥିତି ଦେଖି ପରବର୍ତ୍ତୀ ଯୋଜନା ସ୍ଥିର କରାଯିବ। ଦ୍ୱିତୀୟତଃ ଫୋଷ୍ଟର କେୟାର। ଯଦି ଜଣେ ବ୍ୟକ୍ତି ବା ଦମ୍ପତି ଉକ୍ତ ଶିଶୁ କନ୍ୟାକୁ ନେଇ ଲାଳନ ପାଳନ କରିବାକୁ ଚାହିଁବେ, ତେବେ ଶିଶୁ ମଙ୍ଗଳ କମିଟି ତାଙ୍କୁ ସାମାଜିକ ଥଇଥାନ ପ୍ରକ୍ରିୟା ଅନୁସାରେ ହସ୍ତାନ୍ତର କରିପାରିବେ। ଏହି ପଦ୍ଧତିରେ ଶିଶୁ କନ୍ୟାଙ୍କ ସମ୍ପତ୍ତିରେ ଅଧିକାର ଦାବି କରିପାରିବେ ନାହିଁ। ତୃତୀୟତଃ ଆଡପ୍ସନ ପ୍ରକ୍ରିୟା ପାଇଁ ସେସନ କୋର୍ଟଙ୍କ ଅନୁମତି ଦରକାର। ଏହି ପ୍ରକ୍ରିୟାଦ୍ୱାରା ଶିଶୁଟି ପାଳିତ ପିତାମାତାଙ୍କଠାରୁ ସମ୍ପତ୍ତି ପାଇପାରିବ। ୩ଟି ପ୍ରକ୍ରିୟା ନ ହୋଇପାରିଲେ ଶିଶୁ ମଙ୍ଗଳ କମିଟି ଶିଶୁକୁ ନେଇ ଲାଳନପାଳନ କରିବାସହ ୨୧ ବର୍ଷ ମଧ୍ୟରେ ଚାକିରି ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି।

**ଦାଶରଥି ଉଚ୍ଚ ବିଦ୍ୟାଳୟକୁ ପୋଷ୍ୟ କଲେ ପ୍ରଶାସକ**

ନିରାକାରପୁର,(ଡି.ଏନ୍.ଏ.): ଟାଙ୍ଗୀ ବ୍ଲକ ଓଲସିଂହ ପଞ୍ଚାୟତସ୍ଥିତ ଦାଶରଥି ସରକାରୀ ଉଚ୍ଚ ବିଦ୍ୟାଳୟକୁ ରାଜସ୍ୱ ବିଭାଗର ବରିଷ୍ଠ ପ୍ରଶାସକ ସରୋଜ କୁମାର ସାହୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ପ୍ରଶାସକ ସାହୁ ପୂର୍ବରୁ ଖୋର୍ଦ୍ଧାର ଉପଜିଲାପାଳ ଥିବା ବେଳେ ଏବେ ରାଜସ୍ୱ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ରଙ୍କୁ ନେଇ ଏକ ବୈଠକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୁଣନିଧି ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ପ୍ରଶାସକ ସାହୁ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଓ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଶୃଙ୍ଖଳା, ଶାରୀରିକ ବିକାଶ, ପାସ ହାର ଓ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ଉପରେ ଗୁରୁତ୍ୱ ଦେଇଥିଲେ।

## ସଂକ୍ଷେପରେ

### ୩ ବଖରା ଜଳିଗଲା

ଯାଁଳା,୩୦।୩(ଡି.ଏନ୍.ଏ.): ଯାଁଳା ପଞ୍ଚାୟତ ଦକ୍ଷିଣ ମୁଣ୍ଡମୁହାଣ ଗ୍ରାମରେ ରବିବାର ସକାଳେ ଅଗ୍ନିକାଣ୍ଡ ଘଟି ଶରତ ଭୋଇଙ୍କ ୩ ବଖରା ଜଳିଯାଇଛି। ଅଗ୍ନିକାଣ୍ଡରେ ଶରତଙ୍କ ସମସ୍ତ ଆସବାବପତ୍ର, ଧାନ, ଚାଉଳ ପୋଡ଼ି ପାଉଁଶ ହୋଇଯାଇଛି। ଏଥିସହ ଝିଅ ବିବାହ ପାଇଁ ରଖିଥିବା ଆସବାବପତ୍ର, ୭୦ ହଜାର ଟଙ୍କା ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଖବରପାଇ ଜଟଣୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଶରତଙ୍କ ପରିବାରକୁ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ଶପଥ ନେଲେ ନିର୍ବାଚିତ ପ୍ରାର୍ଥୀ

ଜଟଣୀ,୩୦।୩(ଡି.ଏନ୍.ଏ.): ଜଟଣୀ ବାର୍ ଆସୋସିଏଶନର ନବ ନିର୍ବାଚିତ କର୍ମକର୍ତ୍ତାମାନେ ମଙ୍ଗଳବାର ଶପଥ ଗ୍ରହଣ କରିଛନ୍ତି। ଜଟଣୀ କୋର୍ଟ ପରିସରରେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ନାୟକ, ନିରଞ୍ଜନ ପଣ୍ଡା ଅତିଥିଭାବେ ଯୋଗଦେଇ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ନିର୍ବାଚନ ଅଧିକାରୀ ଅକ୍ଷାଂଶୁ ଶେଖର ନାୟକ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ପବ୍ଲିକ୍ ପ୍ରସିକ୍ୟୁଟର ଅକ୍ଷୟ କୁମାର ଦାସ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବରିଷ୍ଠ ଆଇନଜୀବୀ ଶୈଳେନ୍ଦ୍ର ପଟ୍ଟନାୟକଙ୍କ ସମେତ ଜଟଣୀ ବାର ଆସୋସିଏଶନର ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

### ପାନୀୟ ଜଳ, ପାର୍କିଂ ବ୍ୟବସ୍ଥାକୁ ଗୁରୁତ୍ୱ

ଜଟଣୀ,୩୦।୩(ଡି.ଏନ୍.ଏ.): ଜଟଣୀ ମୁଖ୍ୟ ଡାକଘର ପକ୍ଷରୁ ପୋଷ୍ଟ ଫୋରମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡାକଘର ମୁଖ୍ୟ ସଂଚାଳକ ଏସ୍.ଦାସଙ୍କ ଅଧ୍ୟକ୍ଷତାରେ ଫୋରମରେ ସାମ୍ବାଦିକ ପ୍ରବୀଣ କୁମାର ଛୋଟରାୟ, ସଞ୍ଜୟ ମହାପାତ୍ର, ଆୟିନି ବିବି, ହେମନ୍ତ ସୁନ୍ଦରାୟ, ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ରବି ସେଠୀ, ଧୀରେନ୍ ପ୍ରତିହାରୀ, ଶିକ୍ଷାବିତ୍ ପ୍ରେମାନନ୍ଦ ମହାରଣା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜଟଣୀ ମୁଖ୍ୟ ଡାକଘରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଡାକଘରକୁ ଆସୁଥିବା ଗ୍ରାହକମାନେ ପିଇବା ପାଣି ଓ ଗାଡି ପାର୍କିଂ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ସମସ୍ୟାର ସମାଧାନ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବାକୁ ନିଷ୍ପତ୍ତି ହୋଇଥିଲା।

### ତରତୁଆ କ୍ଲବ ଚାମ୍ପିୟନ

ଟାଙ୍ଗୀ(ଖୋର୍ଦ୍ଧା),୩୦।୩(ଡି.ଏନ୍.ଏ.): ବଡ଼ପାରୀ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଶାଗୁଆନ ଖେଳପଡ଼ିଆରେ ଚାଲିଥିବା ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଟାଙ୍ଗୀ ଶିବାୟୁଥ କ୍ଲବକୁ ହରାଇ ତରତୁଆ ଫୁଟବଲ କ୍ଲବ ଚାମ୍ପିୟନ ହୋଇଛି। ଏହି ଅବସରରେ ବ୍ଲକ ସଭାପତି ଉମାକାନ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ଜିଲା ପରିଷଦ ସଭ୍ୟା ରିସ୍ମା ମାନଧାତା, ବିଜୟ ରାଉତ, ଭଦାଧର ପାତ୍ର, ପ୍ରଫୁଲ୍ଲ ଦାସ, ଅଖିଳ ପ୍ରଧାନ, ପ୍ରଶାନ୍ତ ବିଶ୍ୱାଳ, ଚିନ୍ମୟ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ନନ୍ଦ କିଶୋର ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଚାମ୍ପିୟନ ଟିମକୁ ପଦ୍ମ ଚରଣ ସ୍ମାରକୀ ଟ୍ରଫି ସହ ୨ହଜାର ପ୍ରଦାନ କରାଯାଇଥିଲା। ଗ୍ରାମର ପୂର୍ବତନ ଫୁଟବଲ ଖେଳାଳି କୁଳମଣି ଝପଟସିଂହ, ପ୍ରଶାନ୍ତ ବିଶ୍ୱାଳ, ରାମଚନ୍ଦ୍ର ଝପଟସିଂହ, ମହେନ୍ଦ୍ର ବିଶ୍ୱାଳ, ଭରତ ବେହେରା, ପଠାଣି ସୁନ୍ଦରାୟ, ସାରଙ୍ଗଧର ପାଲଟାସିଂହ, ଦିଲିପ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଅବିନାଶ ପଟ୍ଟନାୟକ, ଭିକାରୀ ବେହେରା ମ୍ୟାଚ ପରିଚାଳନା କରିଥିଲେ।

### ଗୋବିନ୍ଦପୁରରେ ସଂକୀର୍ତ୍ତନ

ବେଗୁନିଆ,୩୦।୩(ଡି.ଏନ୍.ଏ.): ବେଗୁନିଆ ବ୍ଲକ ଅଧୀନ ଗୋବିନ୍ଦପୁର ଗ୍ରାମର ରଘୁନାଥ ଦେବଙ୍କ ପୀଠରେ ଅଷ୍ଟପ୍ରହର ହରିନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ପାଣିକୋରଡ଼, ଛାମୁଣ୍ଡିଆ ନୂଆପଲ୍ଲୀ, ମାଗୁରା, ପୁଇଁଚା, ଆରିକମା ଏବଂ ଗୋବିନ୍ଦପୁର ଗ୍ରାମର ଦୁଇଟି ଦଳକୁ ମିଶାଇ ୮ଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ରବିବାର ଶୁଭାଧିବାସ, କଳସ ଶୋଭାଯାତ୍ରା, ଘଟସ୍ଥାପନ ପରେ ଭବସାଗରରୁ ମୁକ୍ତି ପାଇବା ପାଇଁ ବୈଷ୍ଣବ ଧର୍ମର ଶ୍ରଦ୍ଧାଳମାନେ ସଂକୀର୍ତ୍ତନରେ ସାମିଲ ହୋଇଥିଲେ। ସୋମବାର ନଗର ପରିକ୍ରମା ପରେ ବୈଷ୍ଣବମାନେ ପୁଷ୍କରିଣୀରେ ଘଟ ବିସର୍ଜନ କରିଥିଲେ।

# ଫୁଲଚାଷରେ ଇଞ୍ଜିନିୟରିଂ ଛାତ୍ରୀ ସୁନୀତା

## ନିଷ୍ଠା ଓ ପରିଶ୍ରମ ଦେଇଛି ପରିଚୟ

ଖୋର୍ଦ୍ଧା ଅଫିସ,୩୦।୩

ଦୃଢ଼ ଇଚ୍ଛାଶକ୍ତି ଏବଂ ନିରନ୍ତର ସାଧନା ସଫଳତା ଆଣିଥାଏ। ନିଜ ପ୍ରଚେଷ୍ଟାରେ ଆତ୍ମନିର୍ଭର ହେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ରତନପୁର ଗ୍ରାମର ଗୋଲା ବେହେରା ଓ ଚଞ୍ଚଳାଙ୍କ ଝିଅ ସୁନୀତା। ନିଜ ପ୍ରଚେଷ୍ଟାରେ ସୁନୀତା ୭୨ରୁ ଊର୍ଦ୍ଧ୍ୱ ଔଷଧୀୟ ଗୁଳ୍ମ ଲଗାଇବା ସହ ତା'ର ଯତ୍ନ ନେଉଛନ୍ତି। ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ଖବରକାଗଜ ସଂଗ୍ରହ କରି ଘରେ ଚିଲିକା ଖବରକାଗଜ ସଂଗ୍ରହାଳୟ କରିଛନ୍ତି। ଏଥିସହ ଓଡ଼ିଶାର ପ୍ରଥମ ବାଳିକା କଳିଙ୍ଗ କନ୍ୟା ପାଇକ ଆଖଡ଼ା ପ୍ରତିଷ୍ଠା କରିଛନ୍ତି। ପରିବେଶ ସୁରକ୍ଷା, ଚାରାରୋପଣ ଦିଗରେ ଅବଦାନ ଲାଗି ସେ ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ପକ୍ଷରୁ ପ୍ରକୃତିବନ୍ଧୁ ସମ୍ମାନରେ ସମ୍ମାନିତ ହେବା ସହ ବିଭିନ୍ନ ଅନୁଷ୍ଠାନରୁ ସମ୍ମାନିତ ହୋଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କୁ ସରସ୍ୱତୀ ରାୟ ଗୋଲ୍ଡ ମେଡାଲ ତଥା ରାଜ୍ୟସ୍ତରୀୟ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ସମ୍ମାନିତ କରିଛି। ଏବେ ନିଜ ଘର ବାରିରେ ଗେଣ୍ଡୁ ଫୁଲ ଚାଷ କରି



ସୁନୀତା ଫୁଲ ତୋଳୁଛନ୍ତି।

ସମସ୍ତଙ୍କର ପ୍ରଶଂସାର ପାତ୍ର ହେବା ସହ ସ୍ୱାବଲମ୍ବୀ ହୋଇପାରିଛନ୍ତି। ତାଙ୍କର ଏହି ସଫଳତା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଛି।

ସୁନୀତା ବିଟେକ୍ ପଢୁଥିବା ବେଳେ କରୋନା ମହାମାରୀ ଯୋଗୁ ଲକ୍‌ଡାଉନ ହୋଇଗଲା। କଲେଜରେ ପାଠପଢ଼ା ବନ୍ଦ ହେବାରୁ ସେ ଘରକୁ ଚାଲି ଆସିଥିଲେ। ସମୟ ଅପଚୟ କରିବା ପରବର୍ତ୍ତେ ବାରିରେ ଫୁଲ ଚାଷ କରିବାକୁ ମନସ୍ଥ କରିଥିଲେ। ଏନେଇ ସୁନୀତା ଖୋର୍ଦ୍ଧା ଉଦ୍ୟାନ ବିଭାଗ ସହ ଆଲୋଚନା କରିଥିଲେ। ହର୍ଟିକଲଚରିଷ୍ଟ ପ୍ରମୋଦ ସାମନ୍ତସିଂହାରଙ୍କ ପ୍ରେରଣା ଓ ଦୁଇ ଭାଇଙ୍କ ସହଯୋଗରେ ଫୁଲ ଚାଷ ଆରମ୍ଭ କରିଥିଲେ। ଏବେ ପ୍ରତି ଗେଣ୍ଡୁ ଗଛରେ ୨୦ରୁ ୨୫ଟି ଫୁଲ ଫୁଟୁଛି। ସ୍ଥାନୀୟ ଲୋକେ ଏଠାକୁ ଦେଖିବାକୁ ଆସୁଥିବା ବେଳେ ଫୁଲବଗିଚା ଏବେ ସେଲ୍ଫି ପଏଣ୍ଟ ପାଲଟିଛି। ସ୍ଥାନୀୟ ଅଞ୍ଚଳରେ ସୁନୀତା ଫୁଲର ରାଣୀ ଭାବେ ପରିଚୟ ପାଇଛନ୍ତି। ବାରିରେ କୂଅ ନ ଥିବାରୁ ପଡ଼ିଶା ଘର, ଏପରିକି ଗାଁ ମନ୍ଦିରରୁ ପାଣି ବୋହିବାକୁ ପଡ଼ିଛି। କେବଳ ସଉକ ଲାଗି ଫୁଲଚାରା ଲଗାଇଥିଲି। ଏବେ ଏହା ମୋର ରୋଜଗାରର ମାଧ୍ୟମ ପାଲଟିଛି। ବହୁ ଫୁଲ ବ୍ୟବସାୟୀ, ଫୁଲ ଡେକୋରେଟର ଆସି ଫୁଲ କିଣି ନେଉଛନ୍ତି। ପରିଶ୍ରମ ଅନୁସାରେ ଫୁଲର ଦାମ ମିଳୁନି। ତଥାପି ଆତ୍ମସନ୍ତୋଷ ମିଳିଛି। ଆଗାମୀ ଦିନରେ ପାଣି ସମସ୍ୟା ଦୂର ଲାଗି ବଗିଚାରେ ଏକ କୂଅ ଖନନ ସହ ସମ୍ମନ୍ୱିତ ଚାଷ ପାଇଁ ଯୋଜନା ରଖିଛନ୍ତି। ନିଷ୍ଠା ଓ ଏକାଗ୍ରତା ସଫଳତା ଆଣିଥାଏ। ଛାତ୍ରୀଛାତ୍ରମାନେ ପାଠପଢ଼ା ସହିତ ଫୁଲଚାଷ ପ୍ରତି ଆଗ୍ରହ ପ୍ରକାଶ କଲେ ସ୍ୱାବଲମ୍ବୀ ହେବା ସହ ନିଜର ପରିଚୟ ସୃଷ୍ଟି କରିପାରିବେ ବୋଲି ସୁନୀତା କହିଛନ୍ତି।

# କଟକଣାରେ ଦୋଳ ମହୋତ୍ସବ

ଖୋର୍ଦ୍ଧା ଅଫିସ/କୃଷ୍ଣପ୍ରସାଦ, ୩୦।୩ (ଡି.ଏନ୍.ଏ.)

କରୋନା ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଦୋଳ ମେଳଣ ଆୟୋଜନ ଉପରେ କଟକଣା କରାଯାଇଛି। ବିଧି ରକ୍ଷା ଲାଗି ଦୋଳ ବିମାନରେ ୫ରୁ ୬ଜଣ ଯିବା ଲାଗି ଅନୁମତି ରହିଥିଲା। ଫଳରେ ଚଳିତ ବର୍ଷ ଦୋଳ ଓ ହୋଲି ଉତ୍ସବ ଫିକା ପଡିଛି। ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ଧବେଳଶ୍ୱର, ସ୍ୱପ୍ନେଶ୍ୱର, ସିଦ୍ଧେଶ୍ୱର, ବାଲୁଙ୍କେଶ୍ୱର, ଲୋକେଶ୍ୱର, ହଟ୍ଟକେଶ୍ୱର, ଗୋଡ଼ା ଲୋକନାଥ ଆଦି ପ୍ରସିଦ୍ଧ ଶୈବପୀଠ ମହାଦେବ, ରାଧାକୃଷ୍ଣ, ଗୋପିନାଥଙ୍କ ସମେତ ବିଭିନ୍ନ ଅଞ୍ଚଳରେ ଠାକୁରମାନେ ବିମାନରେ ବସି ଦୋଳ ପୂର୍ଣ୍ଣିମା ଆଗ ଦିନରୁ ଭୋଗ ଖାଇବା ଆରମ୍ଭ କରିଥିଲେ। ଅନ୍ୟ କେତକ ସ୍ଥାନରେ ଦୋଳ ପୂର୍ଣ୍ଣମୀରେ ଠାକୁରମାନେ ବିମାନ ବିଜେ ହୋଇ ନିଜ ଅଞ୍ଚଳରେ ଭକ୍ତଙ୍କ ଘରୁ ଘର ବୁଲି ଭୋଗ



ଖାଇଥିଲେ। ଗୁରୁଜଙ୍ଗରେ ପ୍ରତିବର୍ଷ ଦୋଳ ମେଳଣ ଆଡ଼ମ୍ବରରେ ପାଳିତ ହୋଇଥାଏ। ୨୧ଟି ବିମାନ ଏଠାରେ ବିଜେ କରିଥାନ୍ତି। ଠାକୁରମାନେ ବିରାଟ ପଟୁଆରେ ଆସି ବିଜେ କରିବା ପରେ ଉତ୍ସବ ଆରମ୍ଭ ହୋଇଥାଏ। ଗୁରୁଜଙ୍ଗ ଆରାଧ୍ୟ ଧବଳଶ୍ୱେର ଥାନପତି ଭାବେ ବିଜେ କରନ୍ତି। ମେଳଣ କମିଟି ସମ୍ପାଦକ ଜିତେନ୍ଦ୍ର ସାହୁ କୁହନ୍ତି, କେବଳ ବିଧିରକ୍ଷା ପାଇଁ ସମସ୍ତ ପରମ୍ପରା କରାଯାଇଛି।

କୃଷ୍ଣପ୍ରସାଦ ବ୍ଲକର ପାରିକୁଦ ଗଡ଼ଠାରେ ୫ ମୌଜା ପରିଚାଳନା କମିଟି ପକ୍ଷରୁ ଦୋଳ ମହୋତ୍ସବ ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ କଟକଣାରେ ଉତ୍ସବକୁ ପାଳନ କରାଯାଇଥିଲା। ପାରିକୁଦ ଗଡର ମୁଖ୍ୟ ପୀଠାଧୀଶ ଶ୍ରୀ ନୀଳକଣ୍ଠେଶ୍ୱର ଦେବ, ଦଧିବାମନ ଦେବଙ୍କ ନେତୃତ୍ୱରେ ୩୫ ମୌଜା ଏବଂ ବ୍ଲକର ବିଭିନ୍ନ ସ୍ଥାନରୁ ୨୪ ଠାକୁର ସୁସଜ୍ଜିତ ବିମାନରେ ଆସି ଗଡ଼ଚନ୍ଦନ ପଡିଆରେ ଏକତ୍ରିତ ହୋଇଥିଲେ। ପାରିକୁଦ ରାଜା ସାହେବଙ୍କ ଦ୍ୱାରା ଦେବାର୍ଚ୍ଚନ କାର୍ଯ୍ୟ ସମାପନ ପରେ ଭୋଗ ଲାଗି ହୋଇଥିଲା। ୫ ମୌଜା ପକ୍ଷରୁ ହୋମ ଆଦି କାର୍ଯ୍ୟ ସମାପନ ପରେ ମେଳଣ ଭୋଗ ଅର୍ପଣ କରାଯାଇ ଠାକୁରଙ୍କ ମେଳଣ ପର୍ବ ଅନୁଷ୍ଠିତ ହୋଇଥିଲା। ୫ ମୌଜା ପରିଚାଳନା କମିଟ ସଭାପତି ଡମ୍ବରୁଧର ଖୁଣ୍ଟିଆ, ସମ୍ପାଦକ ସୁରଥ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଶୁଭେଚ୍ଛା ଜଣାଇଲେ, ଘରେ ପାଳିଲେ

ଖୋର୍ଦ୍ଧା ଅଫିସ,୩୦।୩

ରଙ୍ଗର ପର୍ବ ହୋଲି। କୋଭିଡ୍ କଟକଣା ଯୋଗୁ ଚଳିତ ବର୍ଷ ହୋଲି ଖେଳ ଫିକା ପଡ଼ିଥିଲା। ଲୋକେ ପରିବାର ସହ ହୋଲି ପାଳୁଥିବା ଦେଖିବାକୁ ମିଳିଛି। ସୋସିଆଲ ମିଡିଆରେ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ଅନେକ ସ୍ଥାନରେ ଫଗୁ ପରିବର୍ତ୍ତେ ହର୍ବାଲ ହୋଲି ଖେଳ ଜମିଥିଲା। କୋଭିଡ୍ କଟକଣା ଲାଗି ସହରର ସମସ୍ତ ଛକରେ ପୋଲିସ ମୁତୟନ ରହିଥିଲେ। ସର୍ବସାଧାରଣରେ ହୋଲି ଖେଳିବା ଉପରେ କଟକଣା ରହିଥିଲା। ବଜାର, ଛକ ଆଦି ସ୍ଥାନ ଜନଶୂନ୍ୟ ହୋଇପଡ଼ିଥିଲା। ଫଳ ଏବଂ ଔଷଧ ଦୋକାନକୁ ବାଦ ଦେଲେ ପ୍ରାୟ ସମସ୍ତ ଦୋକାନ ବନ୍ଦ ରହିଥିଲା। ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ବାସଭବନରେ ସମସ୍ତେ ଏକାଠି ହୋଇ ଶୁଭେଚ୍ଛା ଜଣାଇଥିଲେ। ମାତ୍ର କାହାରି ହାତରେ ଫଗୁ ନ ଥିଲା। ନିଆରା ଢ଼ଙ୍ଗରେ ହୋଲି ଉତ୍ସବ ପାଳନ କରିଥିଲେ। ସେହିପରି ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁଙ୍କ ବାସଭବନରେ ମଧ୍ୟ ନେତାଙ୍କ ଗହଳି ନ ଥିଲା। ଭର୍ଚୁଆଲରେ ଶୁଭେଚ୍ଛା ଜଣାଇଥିଲେ। ଏକାଠି ଖେଳ ଉପରେ କଟକଣା ଥିବାରୁ ରଙ୍ଗ ବେପାରୀଙ୍କ ବେପାର ମାନ୍ଦା ରହିଥିଲା।

## ଭୋଗଡ଼ାରେ ସଂକୀର୍ତ୍ତନ ମହୋତ୍ସବ

ଖୋର୍ଦ୍ଧା ଅଫିସ,୩୦।୩

ବେଗୁନିଆ ବ୍ଲକ ଭୋଗଡା ଗ୍ରାମରେ ୧୮ତମ ସଂକୀର୍ତ୍ତନ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହା ତିନି ଦିନ ଧରି ଚାଲିବାକୁ ଥିବା ବେଳେ ଖୋର୍ଦ୍ଧା ସମେତ ପୁରୀ, ଗଞ୍ଜାମ, କଟକର ସୁନାମଧନ୍ୟ ଗାୟକମାନେ ଯୋଗଦେଇଛନ୍ତି। ଅଧିବାସର ପ୍ରଥମ ଦିବସରେ ଭୋଗଡା ଗ୍ରାମର ଗୋପୀନାଥ ଦେବ, ରାଧାକାନ୍ତ, ବାଲୁଙ୍କେଶ୍ୱର, ଗ୍ରାମଦେବୀ ମା' ଡାହାଳିଆଣି ଆହ୍ୱାନ ହେବା ପରେ ଗାୟକ ଚକ୍ରଧର ପଣ୍ଡା ଓ ସାଥି, ବୋଲଗଡ ବ୍ଲକ ଅସରଳା ଗ୍ରାମର ଗାୟକ ନିତ୍ୟାନନ୍ଦ ଓ ସାଥୀ ସଂକୀର୍ତ୍ତନ ପରିବେଷଣ କରିଥିଲେ।

# ମାଚ୍ୟୁରିଟି ଟଙ୍କା ନ ମିଳିବାରୁ ଜମାକାରୀଙ୍କ ହୋହଲ୍ଲା

ନିରାକାରପୁର,୩୦।୩(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁରସ୍ଥିତ ସାହାରା ଇଣ୍ଡିଆ କାର୍ଯ୍ୟାଳୟ ଆଗରେ ମଙ୍ଗଳବାର ଜମାକାରୀମାନେ ଦୀର୍ଘ ସମୟ ଧରି ହୋହଲ୍ଲା କରିଥିବା ଦେଖିବାକୁ ମିଳିଛି। ଜମାକାରୀମାନେ ରଖିଥିବା ଟଙ୍କାର ମାଚ୍ୟୁରିଟି ହୋଇଯାଇଥିଲେ ମଧ୍ୟ ଉକ୍ତ ସଂସ୍ଥାର କର୍ତ୍ତୃପକ୍ଷ ଟଙ୍କା ଦେଉ ନ ଥିବା ଅଭିଯୋଗ ହୋଇଛି। ଜମାକାରୀ କୁନି ବଳିଆର ସିଂ କହିଛନ୍ତି, ମୁଁ ଜଣେ ପକ୍ଷାଘାତ ରୋଗୀ। ମୋର ସୁବିଧା ପାଇଁ ଏହି ସଂସ୍ଥାରେ ଟଙ୍କା ଜମା ରଖିଥିଲି। ୩ବର୍ଷ ହେବ ଉକ୍ତ ଟଙ୍କାର ମାଚ୍ୟୁରିଟି ପୂରିଯାଇଥିଲେ ମଧ୍ୟ ସଂସ୍ଥା କର୍ତ୍ତୃପକ୍ଷ ନିକଟକୁ ଆସିଲେ ଆଜିକାଲି କହି ଫେରାଇ ଦେଉଛନ୍ତି। ସେହିପରି ଲୋଚନ ସାହୁ କହିଛନ୍ତି, ରଖିଥିବା ଟଙ୍କାର ମାଚ୍ୟୁରିଟି ହୋଇଯାଇଥିଲେ ମଧ୍ୟ ଅଫିସକୁ ଗଲେ ଆଜି, କାଲି ଆସ





ଜମାକାରୀମାନେ କାର୍ଯ୍ୟାଳୟ ଆଗରେ ହୋହଲ୍ଲା କରୁଛନ୍ତି।

କହି ଦୌଡାଉଛନ୍ତି। ସନ୍ଧ୍ୟା ପ୍ରଧାନ କୁହନ୍ତି, ମାଚ୍ୟୁରିଟି ଟଙ୍କା ଦେଇଉନାହାନ୍ତି। ସେହିପରି ରମା ବେହେରା କହିଛନ୍ତି, ଅଫିସକୁ ବାରମ୍ବାର ଆସିଲେ ମଧ୍ୟ ଏଥିରେ ରଖିଛୁ, ସେଥିରେ ରଖିଛୁ କହି ଭୁଆଁ ବୁଲାଉଛନ୍ତି। ଅନ୍ୟପଟେ ଏନେଇ ଜଣେ ଏଜେଣ୍ଟ କହିଛନ୍ତି, ଲୋକଙ୍କ ଜମା ଥିବା ମାଚ୍ୟୁରିଟି ଟଙ୍କା ସାହାରା କର୍ତ୍ତୃପକ୍ଷ ଦେଉନାହାନ୍ତି। ଲୋକଙ୍କ ଠାରୁ କଲେକ୍ସନ କର, ନ ହଲେ ତୁମ କମିଶନ ଟଙ୍କା ଦିଆଯିବନି ବୋଲି କହୁଥିବା ସେ କହିଛନ୍ତି। ଏ ସମ୍ପର୍କରେ ନିରାକାରପୁର ସାହାରା ଇଣ୍ଡିଆ ଶାଖା ପରିଚାଳକ ସଞ୍ଜୀବ ଦାସଙ୍କ ମୋବାଇଲ ଫୋନକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନ ଥିଲା।

# ବିଷ ପିଆଇଲେ ମା', ୨ ଶିଶୁପୁତ୍ର ମୃତ

ଭୁବନେଶ୍ୱର(ବ୍ୟୁରୋ)/ଯାଁଳା, ୩୦।୩ (ଡି.ଏନ୍.ଏ.)

**ରାଜଧାନୀରେ ଛାତିଥରା ଘଟଣା**
- ଶିଶୁଭବନରେ ଗୁରୁତର ଶିଶୁକନ୍ୟା
- ଏସ୍‌ସିବି ଆଇସିୟୁରେ ମା'
- ହତ୍ୟା ମାମଲା ରୁଜୁ କଲା ପୋଲିସ

ଚନ୍ଦକା ଥାନା ଅନ୍ତର୍ଗତ ବିଞ୍ଝଗିରି କନ୍ଦଲେଇ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମା' ନିଜ ୩ ପିଲାଙ୍କୁ ବିଷ ପିଆଇବା ପରେ ନିଜେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତେବେ ୨ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଥିବାବେଳେ ଦେଢ଼ ବର୍ଷର ଶିଶୁକନ୍ୟା ଗୁରୁତର ଅବସ୍ଥାରେ କଟକ ଶିଶୁ ଭବନରେ ଚିକିତ୍ସିତ ହେଉଛନ୍ତି। ଏପଟେ ମା' ମଧ୍ୟ ଏସ୍‌ସିବି ମେଡିକାଲ ଭେଷଜ ବିଭାଗ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ମୃତ ଦୁଇ ଶିଶୁ ହେଲେ ଜାନକୀ ଗାଗରେଇଙ୍କ ପୁଅ ରାଜୁ (୪) ଓ ବିଜୁ (୩)। ଏହି ଛାତିଥରା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୋଲିସ ଏକ ହତ୍ୟା ମାମଲା (ନଂ. ୭୦/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। କାହିଁକି ଜଣେ ମା' ଏତେ ନିଷ୍ଠୁର ପାଲଟିଲେ, ତାହାର ଖୋଳତାଡ଼ କରୁଛି ପୋଲିସ।

ପୋଲିସ ସୂଚନା ମୁତାବକ, କିଛି ଦିନ ତଳେ ସ୍ୱାମୀଙ୍କ ମୃତ୍ୟୁ ପରେ ଜାନକୀଙ୍କ କାନ୍ଧରେ ପରିବାର ଚଳାଇବା ଦାୟିତ୍ୱ ପଡ଼ିଥିଲା। ସେ ମୂଲ ଲାଗିବା ସହ ହାଣ୍ଡିଆ ବିକ୍ରି କରି ବହୁ କଷ୍ଟରେ ପରିବାର ଚଳାଉଥିଲେ। କିନ୍ତୁ ଅର୍ଜିତ ରୋଜଗାର ପର୍ଯ୍ୟାପ୍ତ ନ ଥିବାରୁ ସର୍ବଦା ମାନସିକ ଚାପଗ୍ରସ୍ତ ରହୁଥିଲେ। ତାଙ୍କ ଦିଅର ବିଭିନ୍ନ କାର୍ଯ୍ୟରେ ସହାୟତା କରୁଥିଲେ। ରବିବାର ଦିଅର କାମକୁ ଯାଇଥିବାବେଳେ ଜାନକୀ ପୋକମରା ଔଷଧ ଯୋଗାଡ କରି ପ୍ରଥମେ ୨ ଶିଶୁ ପୁତ୍ର ଓ କୁନି ଝିଅକୁ ପିଆଇ ନିଜେ ପିଇ ଦେଇଥିଲେ। ୩ ପିଲା ଅଚେତ ହୋଇପଡିବା ଦେଖି ଜାନକୀ ଚିତ୍କାର କରିଥିଲେ। ପଡୋଶୀ ଲୋକେ ପହଞ୍ଚି ସେମାନଙ୍କ ଅବସ୍ଥା ଦେଖି ଆମ୍ବୁଲାନ୍ସକୁ ଡାକି ସମସ୍ତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ୨ ଶିଶୁ ପୁତ୍ରଙ୍କୁ ମୃତ ଘୋଷଣା କରିଥିଲେ।

ହସ୍ପିଟାଲରେ ଜାନକୀଙ୍କ ଦିଅର କହିଥିଲେ, ସେ ମୂଲ ଲାଗିବାକୁ ବାହାରକୁ ଯାଇଥିଲେ। ପଡୋଶୀଙ୍କଠାରୁ ଖବରପାଇ ଆସିଥିଲେ। ବଡଭାଇ ଚାଲିଯିବାପରେ ଭାଉଜ ମୂଲ ଲାଗି ପରିବାର ଭରଣପୋଷଣ କରୁଥିଲେ। ହେଲେ ଦିନକୁ ଦିନ ଘୋର ଅଭାବ ଦେଖାଦେବାପରେ ସେ ବଳକା ସମୟରେ ହାଣ୍ଡିଆ ବିକ୍ରି କରି ଦି ପଇସା ରୋଜଗାର କରୁଥିଲେ। ଦୁଃଖ କଷ୍ଟରେ ଜୀବନ ବିତୁଥିବାବେଳେ ସେ ଏପରି ଚରମ ନିଷ୍ପତ୍ତି କେଉଁ କାରଣରୁ ନେଲେ ସେ ସମ୍ପର୍କରେ କିଛି କହିପାରିବେ ନାହିଁ ବୋଲି ସେ କହିଥିଲେ। ଚନ୍ଦକା ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ କହିଛନ୍ତି, ୩୦୨ ଦଫା ଲଗାଇ ମାମଲା ରୁଜୁ କରାଯାଇଛି। ତେବେ ମା' ଗୁରୁତର ଥିବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାପରେ ପ୍ରକୃତ ଘଟଣା ଜଣାପଡିବ। ପ୍ରମାଣ ଆଧାରରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମିଥୁନ



@ ଦୀପକ



@ ନିତ୍ୟାଶା



@ ସୁନୀଲ



@ ସରିତା



@ ଦେବୀପ୍ରସାଦ



@ କୁଚେନ୍ଦ୍ର

# ଚାକିରି ଦେବା ନାଁରେ ମହିଳାଙ୍କୁ ଅପହରଣ

ବେଗୁନିଆ,୩୦।୩(ଡି.ଏନ୍.ଏ.)

**କାର୍‌କୁ ଲିଫ୍ଟ ମାଗି ନିଖୋଜ ଘଟଣା**

କାର୍‌କୁ ଲିଫ୍ଟ ମାଗି ଜଣେ ମହିଳା ନିଖୋଜ ହେବା ଘଟଣାର ବେଗୁନିଆ ପୋଲିସ ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ପୋଲିସ ମହିଳାଙ୍କୁ ଉଦ୍ଧାର କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବାଙ୍କୀ ଥାନା ଅଧୀନ ପଥୁରୀପଡ଼ା ଗ୍ରାମର କମଳ ଦାସ। ଚାକିରି ପ୍ରଲୋଭନ ଦେଖାଇ ସମ୍ପୃକ୍ତ ମହିଳାଙ୍କୁ ଅପହରଣ କରାଯାଇଥିଲା ବୋଲି ପୋଲିସ କହିଛି। ପ୍ରକାଶ ଯେ, ବାଘମାରୀ ଗ୍ରାମର ପ୍ରକାଶ ସେଠୀଙ୍କ ସ୍ତ୍ରୀ ଶୁଭଲକ୍ଷ୍ମୀ ଗତ ୨୦ତାରିଖ ସକାଳ ୮ଟାରେ ବେଗୁନିଆ ଥାନା ଛକରୁ ଏକ କାରରେ କେଉଁଆଡେ ନିଖୋଜ ହୋଇଯାଇଥିଲେ। ଏନେଇ ପ୍ରକାଶ ଅଭିଯୋଗ କରିଥିଲେ। ଶୁଭଲକ୍ଷ୍ମୀଙ୍କ ମା'ଙ୍କ ମୋବାଇଲ ଏବଂ ପଡୋଶୀଙ୍କ ସହଯୋଗରେ ପୋଲିସକୁ ଶୁଭଲକ୍ଷ୍ମୀଙ୍କ ସନ୍ଧାନ ମିଳିଥିଲା। ପରେ ପୋଲିସ କୋଲକାତାରୁ ଶୁଭଲକ୍ଷ୍ମୀଙ୍କୁ ଉଦ୍ଧାର କରିବା ସହ କମଳଙ୍କୁ ଧରିଥିଲା। ପରେ ଶୁଭଲକ୍ଷ୍ମୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଶୁଭଲକ୍ଷ୍ମୀଙ୍କୁ ଭୁବନେଶ୍ୱରରେ ଚାକିରି କରାଇଦେବେ ବୋଲି ୨୦ତାରିଖ ସକାଳ ପ୍ରାୟ ୮ଟାରେ କମଳ ତାଙ୍କୁ କୋଲକାତା ନେଇ ପଳାଇଥିଲେ ବୋଲି ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁ କହିଛନ୍ତି।

